# NATIONAL NEWS BULLETIN (ODIA)
## 20 December - 2025
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଆକ୍ଟ ଇଷ୍ଟ ପଲିସି ଅଧୀନରେ ଆସାମକୁ ପ୍ରାଥମିକତା ପ୍ରଦାନ କରୁଛନ୍ତି କେନ୍ଦ୍ର ସରକାର, କହିଲେ ପ୍ରଧାନମନ୍ତ୍ରୀ ।

– ପଶ୍ଚିମବଙ୍ଗରେ ୩ହଜାର ୨୦୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ୨ଟି ଜାତୀୟ ରାଜପଥ ପ୍ରକଳ୍ପର କଲେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

- ବିକଶିତ ଭାରତ ଜି.ରାମ୍.ଜି. ବିଲ୍ ଚାଷୀ ଏବଂ ଗ୍ରାମ୍ୟ ବିକାଶ ସହିତ ଜଡ଼ିତ, କହିଲେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ।

- ବାଂଲାଦେଶରେ ଯୁବ ନେତାଙ୍କ ହତ୍ୟାକୁ ନିନ୍ଦା, ସଂଯମତା ଅବଲମ୍ବନ କରିବାକୁ ପରାମର୍ଶ ଦେଲେ ଜାତିସଂଘ ମହାସଚିବ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତା ପାଇଁ ୧୫ ଜଣିଆ ଦଳ ଘୋଷଣା କଲା ବି.ସି.ସି.ଆଇ.

# ପିଏମ୍ ଆସାମ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣରେ ଆସାମର ଗୌହାଟୀଠାରେ ଲୋକପ୍ରିୟ ଗୋପୀନାଥ ବର୍ଦ୍ଦୋଲୋଇ ଆନ୍ତର୍ଜାତିକ ବିମାନ ବନ୍ଦରର ନୂତନ ଟର୍ମିନାଲ୍‌କୁ ଉଦ୍‌ଘାଟନ କରିଛନ୍ତି । ସେ ମଧ୍ୟ ଆସାମର ପ୍ରଥମ ମୁଖ୍ୟମନ୍ତ୍ରୀ ଗୋପୀନାଥ ବର୍ଦ୍ଦୋଲୋଇଙ୍କ ଏକ ୮୦ ଫୁଟ ଉଚ୍ଚର ପ୍ରତିମୂର୍ତ୍ତିକୁ ବିମାନ ବନ୍ଦରର ନୂତନ ଟର୍ମିନାଲ୍ ବାହାରେ ଅନାବରଣ କରିଛନ୍ତି । ଗୁଆହାଟୀଠାରେ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ରାଜ୍ୟରେ କୋଟି କୋଟି ଟଙ୍କା ମୂଲ୍ୟର ଅନେକ ବୃହତ ଏବଂ ଐତିହାସିକ ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ଏବଂ ସମ୍ପନ୍ନ ହୋଇପାରିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଆକ୍ଟ ଇଷ୍ଟ ପଲିସି ଅଧୀନରେ କେନ୍ଦ୍ର ସରକାର ଆସାମକୁ ପ୍ରାଥମିକତା ଦେଇଛନ୍ତି ଏବଂ ଏହା ଦ୍ୱାରା ଆସାମ ବିକଶିତ ଭାରତ ପାଇଁ ଇଞ୍ଜିନ୍ ଭଳି କାର୍ଯ୍ୟ କରିବ ।

ସେ କହିଛନ୍ତି, ବିଜେପି ଅଧୀନରେ ଆସାମରେ ପରିଚାଳିତ ଡବଲ୍‌ଇଞ୍ଜିନ୍ ସରକାର ଦ୍ୱାରା ନିରନ୍ତର ବିକାଶ ଜାରି ରହିଛି । ଯେପରିକି ପବିତ୍ର ବ୍ରହ୍ମପୁତ୍ର ନଦୀରୁ ନିରବଚ୍ଛିନ୍ନ ଧାରା ବହି ଚାଲିଥାଏ । ସେ କହିଛନ୍ତି, ଆସାମର ପ୍ରଥମ ମୁଖ୍ୟମନ୍ତ୍ରୀ ଗୋପୀନାଥ ବର୍ଦ୍ଦୋଲୋଇ ରାଜ୍ୟର ଗର୍ବ ଓ ଗୌରବ ଥିଲେ । ତାଙ୍କର ପ୍ରତିମୂର୍ତ୍ତି ବର୍ତ୍ତମାନ ଏବଂ ଭବିଷ୍ୟତ

ପିଢ଼ିକୁ ପ୍ରୋତ୍ସାହିତ କରିବ । ଏହି ଅବସରରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ଲୋକପ୍ରିୟ ଗୋପୀନାଥ ବର୍ଦ୍ଦୋଲୋଇ ଆନ୍ତର୍ଜାତିକ ବିମାନ ବନ୍ଦରଠାରେ ନୂଆ ଟର୍ମିନାଲ୍‌ର ଉଦ୍‌ଘାଟନ' ରାଜ୍ୟର ବିକାଶ ଦିଗରେ ଏକ ଐତିହାସିକ ପଦକ୍ଷେପ ।

ପ୍ରଧାନମନ୍ତ୍ରୀ ଆଜି ଆସାମକୁ ଦୁଇ ଦିନିଆ ଗସ୍ତ କରିଛନ୍ତି । ସେଠାରେ ତାଙ୍କୁ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ ସହ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ପ୍ରଧାନମନ୍ତ୍ରୀ ଆଜି ଆସାମରେ ଏକ ରୋଡ୍ ଶୋ' କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେଇଥିଲେ ଏବଂ ଏହି ରୋଡ୍ ଶୋ' ବିଜେପି ମୁଖ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ସେ ସେଠାରେ ଦଳୀୟ କର୍ମୀମାନଙ୍କ ସହ ଆଲୋଚନା କରିଥିଲେ ।

ପ୍ରଧାନମନ୍ତ୍ରୀ ଆସନ୍ତାକାଲି ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନ୍ତର୍ଗତ ୨୫ଟି ସ୍କୁଲ୍‌ର ଛାତ୍ରଛାତ୍ରୀମାନଙ୍କ ସହ ମଧ୍ୟ ମତବିନିମୟ କରିବେ । ପ୍ରଧାନମନ୍ତ୍ରୀ ବ୍ରହ୍ମପୁତ୍ର ନଦୀରେ କ୍ରୁଜ୍ ଜାହାଜରେ ଯାତ୍ରା କରି ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ଏହା ପରେ ଶ୍ରୀ ମୋଦୀ ନୂତନ ଭାବେ ନିର୍ମିତ ସହିଦ ସ୍ମାରକ କ୍ଷେତ୍ର ପରିଦର୍ଶନ କରିବେ । ଆସାମ ଆନ୍ଦୋଳନରେ ସହିଦ ହୋଇଥିବା ୮୬୦ ଜଣଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି କ୍ଷେତ୍ର ନିର୍ମିତ ହୋଇଛି । ପ୍ରଧାନମନ୍ତ୍ରୀ ୧୨ ହଜାର କୋଟି ଟଙ୍କା ମୂଲ୍ୟର ଆମୋନିଆ-ୟୁରିଆ ସାର ପ୍ରକଳ୍ପର ଭୂମି ପୂଜନ କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବେ । ସେ ନାମୃପ୍ ଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

# ପିଏମ୍-ଓ୍ୱେଷ୍ଟବେଙ୍ଗଲ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗର ନଦିଆ ଜିଲ୍ଲା ଅନ୍ତର୍ଗତ ରାନା ଘାଟଠାରେ ୩ ହଜାର ୨୦୦ କୋଟି ଟଙ୍କା ମୂଲ୍ୟର ଦୁଇଟି ଜାତୀୟ ରାଜପଥ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ନଦିଆ ଜିଲ୍ଲାରେ ଜାତୀୟ ରାଜପଥ ୩୪ ଅନ୍ତର୍ଗତ ୬୬ ଦଶମିକ୍ ୭ କିଲୋମିଟର ଦୀର୍ଘ ୪ ଲେନ୍ ବିଶିଷ୍ଟ ବରାଜାଗୁଲି-କିଶାନନଗର ରାଜପଥର ଉଦ୍‌ଘାଟନ କରିଛନ୍ତି ଏବଂ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ଜାତୀୟ ରାଜପଥ ୩୪ ଅନ୍ତର୍ଗତ ୧୭ ଦଶମିକ୍ ୬ କିଲୋମିଟର ଦୀର୍ଘ ବରାସତ୍-ବରାଜାଗୁଲି ସେକସନ୍ ୪ ଲେନ୍ ବିଶିଷ୍ଟ ଜାତୀୟ ରାଜପଥର ଶିଳାନ୍ୟାସ କରିଛନ୍ତି ।  ଏହି ପ୍ରକଳ୍ପ କୋଲକାତା ଏବଂ ସିଲିଗୁଡ଼ି ମଧ୍ୟରେ ମୁଖ୍ୟତଃ ସଂଯୋଗ ସ୍ଥାପନ କରିବ । ଏହି ରାଜପଥ ନିର୍ମାଣ ଦ୍ୱାରା ପାଖାପାଖି ଦୁଇ ଘଣ୍ଟା ଯାତ୍ରା ସମୟ ହ୍ରାସ ପାଇବ ଏବଂ ଦ୍ରୁତ ଓ ସୁରୁଖୁରୁରେ ଯାନବାହନ ଯାତାୟତକୁ ସୁନିଶ୍ଚିତ କରିବ । ଏହି ଅଞ୍ଚଳରେ ଆର୍ଥିକ ବିକାଶ ତ୍ୱରାନ୍ୱିତ ଦିଗରେ ଏହି ପ୍ରକଳ୍ପ ସହାୟକ ହେବା ସହ ଅଞ୍ଚଳର ପର୍ଯ୍ୟଟନ ବିକାଶ ଦିଗରେ ମଧ୍ୟ ସହାୟକ ହେବ ।

କୋଲକାତାରୁ ଫୋନ୍ ଯୋଗେ ନଦିଆ ଜିଲ୍ଲାର ତାହେରପୁର ଠାରେ ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସଭାକୁ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେଇଥିଲେ ।

## ଶିବରାଜ ସିଂହ ଚୌହାନ

ବିକଶିତ ଭାରତ ଜି.ରାମ୍.ଜି. ବିଲ୍ ଚାଷୀ ଏବଂ ଚାଷ ଉପରେ ନିର୍ଭରଶୀଳ ଲୋକଙ୍କୁ ସୁଫଳ ପ୍ରଦାନ କରିବା ସହିତ ବିଭିନ୍ନ ଦୃଷ୍ଟିକୋଣରୁ ଗ୍ରାମ୍ୟ ବିକାଶ ସହିତ ଜଡ଼ିତ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଚୌଧୁରୀ ଚରଣ ସିଂହ ପୁରସ୍କାର ୨୦୨୫ ସମାରୋହରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଚୌହାନ ଏହା କହିଛନ୍ତି । ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ପ୍ରସ୍ତୁତିରେ କୃଷି କ୍ଷେତ୍ର ପାଇଁ ଏକ ନିରନ୍ତର ବ୍ୟବସ୍ଥା ଗଠନ ଲକ୍ଷ୍ୟରେ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଆହ୍ୱାନ କରାଯାଇଛି ବୋଲି ଶ୍ରୀ ଚୌହାନ କହିଛନ୍ତି ।  ସରକାରୀ ଯୋଜନା ଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ଚାଷୀ, ବିଶେଷଜ୍ଞ ଏବଂ କୃଷି ବୈଜ୍ଞାନିକଙ୍କ ସମନ୍ୱୟ ମାଧ୍ୟମରେ ଚିନ୍ତନ ଶିବିର ଆୟୋଜନ ଉପରେ ମନ୍ତ୍ରୀ ଶ୍ରୀ ଚୌହାନ ଆଲୋକପାତ କରିଛନ୍ତି ।

## ବାଂଲାଦେଶ-ୟୁଏନ୍

ବାଂଲାଦେଶରେ ଯୁବ ନେତା ସରିଫ୍ ଓସମାନ୍ ବିନ୍ ହାଡ଼ିଙ୍କ ହତ୍ୟାକୁ ଜାତିସଂଘ ମହାସଚିବ ଆଣ୍ଟେନିଓ ଗୁଟେରସ୍ ନିନ୍ଦା କରିଛନ୍ତି । ଆସନ୍ତା ଫେବୃୟାରୀରେ ଦେଶରେ ସଂସଦୀୟ ନିର୍ବାଚନ ହେବାକୁ ଯାଉଥିବାରୁ ସମସ୍ତଙ୍କୁ ସଂଯମତା ଅବଲମ୍ବନ କରିବା ଏବଂ ଉତ୍ତେଜନା ହ୍ରାସ କରିବାରେ

ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ଗୁଟେରସ ପରାମର୍ଶ ଦେଇଛନ୍ତି । ବାଂଲାଦେଶର କର୍ତ୍ତୃପକ୍ଷଙ୍କୁ ଆନ୍ତର୍ଜାତିକ ମାନବାଧିକାର ମାନଦଣ୍ଡ ଅନୁଯାୟୀ ତ୍ୱରିତ ନିରପେକ୍ଷ ତଦନ୍ତ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଜାତିସଂଘ ମୁଖ୍ୟାଳୟରେ ନିୟମିତ ଗଣମାଧ୍ୟମ ସୂଚନା ପ୍ରଦାନ ଅବସରରେ ଶ୍ରୀ ଗୁଟେରସ୍ ଏହା କହିଛନ୍ତି । ହାଡ଼ିଙ୍କ ହତ୍ୟା ପରେ ବାଂଲାଦେଶରେ ବିଭିନ୍ନ ଅଞ୍ଚଳରେ ହିଂସାତ୍ମକ କାର୍ଯ୍ୟକଳାପ ନେଇ ରିପୋର୍ଟ୍ ଆସିଥିବା ସେ କହିଛନ୍ତି ।

ଅନ୍ୟ ପକ୍ଷରେ ବାଂଲାଦେଶର ମଧ୍ୟବର୍ତ୍ତୀକାଳୀନ ସରକାର ହିଂସାକୁ ପ୍ରୋତ୍ସାହନ ପ୍ରଦାନ କରୁଥିବା ଏବଂ ନିର୍ବାଚନ ପ୍ରକ୍ରିୟାକୁ ବ୍ୟାଘାତ କରିବା ଲକ୍ଷ୍ୟ ନେଇ ଫେସ୍‌ବୁକ୍ ପ୍ରସଙ୍ଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମେଟାକୁ ଅନୁରୋଧ କରି ଚିଠି ଲେଖିଛନ୍ତି ।

## ପୁନେ-ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି, ବିକାଶଶୀଳ ଭାରତର ବୈଦେଶିକ ନୀତି ନିଶ୍ଚିତ ରୂପେ ମହତ୍ୱାକାଂକ୍ଷି, ଦୀର୍ଘ ମିଆଁଦି ଏବଂ ବ୍ୟାପକ ଯୋଜନା ହେବା ଉଚିତ୍ । ଭାରତର ବିଶ୍ୱସ୍ତରୀୟ ସ୍ଥିତି ସୁଦୃଢ଼ କରିବା ଲାଗି ବନ୍ଧୁତ୍ୱପୂର୍ଣ୍ଣ ରାଷ୍ଟ୍ରଗୁଡ଼ିକୁ ଏକତ୍ର କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଜୟଶଙ୍କର ଗୁରୁତ୍ୱପ୍ରଦାନ କରିଛନ୍ତି । ପୁନେ ସ୍ଥିତ ସିମ୍ବାୟୋସିସ୍ ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟର

୨୨ତମ ସମାବର୍ତ୍ତନ ସମାରୋହରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଜୟଶଙ୍କର ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ପୂରଣ କରିବା ଲାଗି ଦେଶର ପ୍ରଗତି ଦିଗରେ ଛାତ୍ରଛାତ୍ରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଡକ୍ଟର ଜୟଶଙ୍କର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ବର୍ତ୍ତମାନ ପ୍ରଯୁକ୍ତିବିଦ୍ୟା, ପୁଞ୍ଜି ଏବଂ ପୁଞ୍ଜିନିବେଶ କ୍ଷେତ୍ରରେ ଦେଶ ଉପରେ ଚାପ ପଡୁଥିବା ସେ କହିଛନ୍ତି । ଏଣୁ ଭବିଷ୍ୟତ ଆହ୍ୱାନର ମୁକାବିଲା ଲାଗି ଦେଶରେ ନିର୍ମାଣ କ୍ଷମତା, ପ୍ରଯୁକ୍ତିବିଦ୍ୟା ଅଭିବୃଦ୍ଧି କ୍ଷେତ୍ରରେ ଧ୍ୟାନ ଦେବା ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି ।

## ବୈଷ୍ଣବ-ଇଲେକ୍ଟ୍ରୋନିକ୍ସ

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ୮ ମାସ ମଧ୍ୟରେ ଭାରତର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ରପ୍ତାନୀ ପରିମାଣ ୩୧ ବିଲିୟନ୍ ଡଲାର୍‌ରେ ପହଞ୍ଚିଛି । ଦୈନିକ ଇଂରାଜୀ ଖବରକାଗଜରେ ପ୍ରକାଶିତ ଏକ ପ୍ରବନ୍ଧକୁ ସେୟାର୍ କରି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମନ୍ତ୍ରୀ କହିଛନ୍ତି, ଏହି କ୍ଷେତ୍ର ଭାରତର ଶ୍ରେଷ୍ଠ ୩୦ଟି ସାମଗ୍ରୀ ରପ୍ତାନୀ ମଧ୍ୟରେ ଦ୍ରୁତ ଅଭିବୃଦ୍ଧିଶୀଳ ହୋଇପାରିଛି । ଏହି ଅଭିବୃଦ୍ଧି କାରଣରୁ କର୍ମନିଯୁକ୍ତି, ଦକ୍ଷତା ଏବଂ ପ୍ରଯୁକ୍ତିବିଦ୍ୟା ଆଦାନପ୍ରଦାନ ହୋଇପାରୁଛି ବୋଲି ସେ କହିଛନ୍ତି ।

## ଭାରତ ଟ୍ରାକ୍ସି

ସରକାର ଆସନ୍ତା ନୂଆବର୍ଷରେ ଭାରତ ଟାକ୍ସି ଯୋଜନାର ଲୋକାର୍ପଣ କରିବେ । ଏହି ବ୍ୟବସ୍ଥା ଆରମ୍ଭ ହେବା ଫଳରେ ଯାତ୍ରୀମାନଙ୍କୁ ସହଜ ଓ ସୁଲଭ ମୂଲ୍ୟରେ ଯାତ୍ରା କରିବାକୁ ସୁବିଧା ମିଳିବ। ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହାଙ୍କ ଦୂରଦୃଷ୍ଟିସ୍ୱରୂପ ଏହି ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି । ଗାଡ଼ିର ମାଲିକ ହିଁ ଏହାର ଚାଳକ ଭାବେ କାର୍ଯ୍ୟ କରି ସରକାରଙ୍କ ବ୍ୟବସ୍ଥିତ ଲାଭାଂଶ ପାଇପାରିବେ ।

## ଇଣ୍ଡିଆ ସ୍କ୍ୱାଡ୍-ଓ୍ୱାର୍ଲ୍ଡକପ୍

ଆଗାମୀ ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତା ପାଇଁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ୍ ବି.ସି.ସି.ଆଇ. ଏକ ୧୫ ଜଣିଆ ଦଳ ଘୋଷଣା କରିଛି । ସୂର୍ଯ୍ୟ କୁମାର ଯାଦବଙ୍କ ଅଧିନାୟକତ୍ୱରେ ଏହି ଦଳ ବିଶ୍ୱକପ୍ ମ୍ୟାଚ୍ ଖେଳିବ । ଶୁଭମନ ଗିଲ୍‌ଙ୍କୁ ଅସୁସ୍ଥତା କାରଣରୁ ଦଳରୁ ବାଦ୍ ଦିଆଯାଇଥିବା ବେଳେ ଅକ୍ଷର ପଟେଲ ଉପ-ଅଧିନାୟକ ଭାବେ ଦଳରେ ସାମିଲ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଓ୍ୱିକେଟ୍ କିପର ଇଶାନ୍ କିଶାନ୍ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ରିଙ୍କୁ ସିଂହ ମଧ୍ୟ ଦଳକୁ ଫେରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅଭିଶେକ ଶର୍ମା, ସଞ୍ଜୁନ ସାମସନ୍, ତୀଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଯଶପ୍ରୀତ ବୁମ୍‌ରା, ହର୍ଷିତ ରାଣା, ଅର୍ଶଦୀପ ସିଂହ, କୁଲଦୀପ ଯାଦବ, ବରୁଣ

ଚକ୍ରବର୍ତ୍ତୀ ଏବଂ ଓ୍ୱାଶିଂଟନ୍ ସୁନ୍ଦର ଦଳରେ ସାମିଲ ହୋଇଛନ୍ତି । ଆସନ୍ତା ଫେବୃୟାରୀ ୭ରୁ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଏହି ବିଶ୍ୱକପ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ ।